| CSM – 1/19 |
|---|
| Compulsory Paper – I |
| Odia Language |

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt **all** questions.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି ଗୋଟିଏ ବିଷୟରେ ପ୍ରାୟ ଏକ ହଜାର ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

   (କ) ଗଣତନ୍ତ୍ରରେ ନାଗରୀକର ଦାୟିତ୍ୱ

   (ଖ) ଧର୍ମ ଓ ରାଜନୀତି

   (ଗ) ସ୍ୱାସ୍ଥ୍ୟ ହିଁ ସମ୍ପଦ

   (ଘ) ଓଡ଼ିଶାର କୃଷି ଅର୍ଥନୀତି

2. ନିମ୍ନଲିଖିତ ଯେକୌଣସି ପାଞ୍ଚଗୋଟି ରଢ଼ିକୁ ଉପଯୁକ୍ତ ଅର୍ଥପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର : 15

   (କ) ଏଘର ମାଉସୀ ସେଘର ପିଉସୀ

   (ଖ) ଢେଙ୍ଗା ମୁଣ୍ଡରେ ଠେଙ୍ଗା

(ଗ) ଅନ୍ଧଦେଶରେ ଦର୍ପଣବିକା

(ଘ) ଝିମିଟି ଖେଳରୁ ମହାଭାରତ

(ଙ) କେରାଣ୍ଡି ଗୁଣ୍ଠି ଶେଉଳ ଧରିବା

(ଚ) ଉଷୁନାଧାନ ଗଜା ହେବା

(ଛ) ଫଳିଲାଗଛ ଫୋପଡ଼ ସହେ

3. ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକରୁ ଯେକୌଣସି **ଦୁଇଟିର** ପ୍ରତ୍ୟେକକୁ **ଏକଶହ** ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : 20

(କ) ଚାଷ ତରତର ବଣିଜ ମଠ

(ଖ) ଭୁକିଲା କୁକୁର କାମୁଡ଼େ ନାହିଁ

(ଗ) ଦଇବ ଦଉଡ଼ି ମଣିଷ ଗାଇ

(ଘ) ହାତେ ମାପି ଚାଖଣ୍ଡେ ଚାଲ

(ଙ) କଷ୍ଟକଲେ କୃଷ୍ଣ ମିଳେ

(ଚ) ବାଘଘରେ ମିରିଗ ନାଟ

(ଛ) ଚକେ ଗଲେ ବାରହାତ

4. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟିକୁ** ଏକପଦରେ ପ୍ରକାଶ କର : 15

(କ) କୂଳର ବିପରୀତ

(ଖ) ମୂର୍ତ୍ତିର ସଦୃଶ

(ଗ) ଅହନ୍ ଓ ନିଶା

(ଘ) ମଧୁପାନ କରେ ଯେ

(ଙ) ପିଇବାର ଇଚ୍ଛା

(ଚ) ପଛେ ପଛେ ଗମନ

(ଛ) ଜଳଦାନ କରେ ଯେ

5. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ **ପାଞ୍ଚଟିର** ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ଅଶ୍ୱ – ଅଶ୍ମ

(ଖ) ଈଷ – ଈଶ

(ଗ) କୁଜନ – କୂଜନ

(ଘ) ଗୋଲକ – ଗୋଲୋକ

(ଙ) ଦ୍ୱିପ – ଦ୍ୱୀପ

(ଚ) ନିଧନ – ନିର୍ଦ୍ଧନ

(ଛ) ପରିଚ୍ଛେଦ – ପରିଚ୍ଛଦ

6. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ଅର୍ଥ ଲେଖି ବାକ୍ୟ ଗଠନ କର : 10

(କ) ଅବନୀ

(ଖ) ସରୋଜ

(ଗ) ପଦ୍ମାଳୟା

(ଘ) ଅନିଳ

(ଙ) ଜଳଧର

(ଚ) ଉଦକ

(ଛ) ତରଙ୍ଗିଣୀ

7. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : 10

(କ) ଅନୁରାଗ

(ଖ) ଉନ୍ନତି

(ଗ) ଗୁଣ

(ଘ) ଗୁରୁ

(ଙ) ତିରୋଭାବ

(ଚ) ଶିଷ୍ଟ

(ଛ) ସୁକୃତ

8. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ଗୋଟିଏ ଲେଖାଏଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ମୟୂର

(ଖ) ମହେଶ୍ୱର

(ଗ) ପୁତ୍ର

(ଘ) ମିହିର

(ଙ) ହସ୍ତୀ

(ଚ) ପର୍ବତ

(ଛ) ରାତ୍ରି

୨. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି ପାଞ୍ଚଗୋଟିର ସମସ୍ତପଦ ଲେଖ : 10

(କ) ପଥମାନଙ୍କର ରାଜା

(ଖ) କୁମ୍ଭକୁ କରେ ଯେ

(ଗ) ସରସୀରେ ଜାତ

(ଘ) ସ୍ତ୍ରୀ ରୂପକ ରତ୍ନ

(ଙ) ପରିବାରସହ ବର୍ତ୍ତମାନ

(ଚ) ଅହି ଓ ନକୁଳ

(ଛ) ମରଣ ପର୍ଯ୍ୟନ୍ତ

10. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 30

ଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଗୋଟିଏ ପ୍ରତିକ୍ରୀୟାଶୀଳ ମନୋବୃତ୍ତି ବିଶେଷ କ୍ଷତି କରୁଛି । ତା'ର କାରଣ ହେଉଛି, ଆମ

ଦେଶରେ ତରୁଣଙ୍କ ଶକ୍ତି ଉପରେ ଏ ପର୍ଯ୍ୟନ୍ତ ଆସ୍ଥା ସ୍ଥାପନ କରାଯାଇ ପାରିନାହିଁ । ବୟସ ନଥିଲେ ଯୁବକ-ଲୋକ ବିଶେଷ କିଛି କରିବାପାଇଁ ଯୋଗ୍ୟ ନୁହଁନ୍ତି — ଏହିପରି ଏକପ୍ରକାର ମନୋବୃତ୍ତି ଆମ ଦେଶରେ ଚାଲି ଆସିଛି । ୟାକୁଇ ଲକ୍ଷ୍ୟ କରି ଜଣେ ବ୍ରିଟିଶ ବିଶେଷଜ୍ଞ ଅଧ୍ୟାପକ ଲେଖିଛନ୍ତି, ଭାରତବର୍ଷରେ ବହୁତ ବୁଦ୍ଧିମାନ ବ୍ୟକ୍ତି ଅଛନ୍ତି, ସେମାନେ ବଢ଼ିଆ ଗବେଷଣା କରି ପାରନ୍ତେ ; କିନ୍ତୁ ଯେଉଁ ପୁରୁଣାକାଳିଆ ଜରଦ୍‌ଗବମାନେ ଆଗରୁ ସେଠି ଆସନ ମାଡ଼ି ରହିଯାଇଛନ୍ତି ସେମାନେ ଆଉ ନବଶାବକମାନଙ୍କ ପିଠିରେ ରୁମ ଉଠିବାକୁ ଦେଉନାହାନ୍ତି । ସବୁଠୁ ମଜା କଥା ହେଉଛି ଯେ ବୈଜ୍ଞାନିକମାନେ ଯେମିତି ଉଦାର ଓ ସହିଷ୍ଣୁ ହେବା କଥା, ଅନ୍ୟ କ୍ଷେତ୍ରରେ ଅନ୍ୟକୁ ଯେମିତି ସ୍ୱାଧୀନତା ଦେବା କଥା, ସେମାନେ ସେମିତି କରିବାପାଇଁ ଆଦୌ ଅଭ୍ୟାସ କରି ନାହାନ୍ତି । ବରଂ କେମିଷ୍ଟ୍ରି ସଭାକୁ ବଟନିବାଲା ଯାଇ କେମିଷ୍ଟମାନଙ୍କୁ କଥା ଶୁଣିବାକୁ କେବଳ ଯେ ରାଜି ହୁଅନ୍ତି ନାହିଁ, ତା ନୁହେଁ, ସେମାନଙ୍କୁ ଚପାଇ ନିଜମତ ସାବ୍ୟସ୍ତ କରିବାକୁ ଚେଷ୍ଟା କରନ୍ତି । ଫଳରେ କେମିଷ୍ଟଙ୍କୁ ଚୁପ୍ ରହିବାକୁ ପଡ଼େ । ଆମ ଶାସନ କ୍ଷେତ୍ରରେ ଗଣତନ୍ତ୍ର ପ୍ରକୃତ ଭାବରେ କାର୍ଯ୍ୟକାରୀ ହୋଇନଥିବାରୁ ସ୍ୱାଧୀନ ମତ ପ୍ରକାଶ କରିବା ସହଜ ହୁଏ ନାହିଁ । ମଝିମଝିଆ ଥାପଡ଼ା ଥାପଡ଼ି ହୋଇ ରହିଯିବାକୁ ହୁଏ । ବଡ଼ବଡ଼ିଆଙ୍କ ହାତ ବହୁତ ଲମ୍ବ । ତାଙ୍କ ମୁଠାରୁ ରକ୍ଷା ପାଇବା ସହଜ ହୁଏନାହିଁ । ଏପାଖେ କହିବେ କୁହ, ସେପାଖେ କହିବେ କାହିଁକି କହିଲ । ଏପାଖେ ସଭାକୁ ପଠାଇ ସେପାଖେ କାହିଁକି ଗଲ ବୋଲି କୈଫତ୍ ତଲବ କରିବେ । ପ୍ରଗତିଶୀଳ ଯୁଗରେ ଏକଥା ଗୁଡ଼ାକ ଏତେ

ଅବିଶ୍ୱାସଯୋଗ୍ୟ ଯେ, ସହଜରେ ବିଶ୍ୱାସ କରିବା କଥା ନୁହେଁ ; କିନ୍ତୁ ଦୁର୍ଭାଗ୍ୟକୁ ଏଗୁଡ଼ା ସବୁ ନିରାଟ ସତ୍ୟ, ଏଥିରେ କଳ୍ପନାର ସ୍ଥାନ ନାହିଁ । କଳ୍ପନା କେବଳ ଏ ପ୍ରଗତିକାମୀ ଦେଶରେ ଭବିଷ୍ୟତଟା କେଉଁଠି ? ଦେଶର ବୁଦ୍ଧିଜୀବୀମାନେ ଯଦି ନିଜେ ଯାହା ଜାଣନ୍ତି ସବୁ ଭଲ, ଅନ୍ୟ ଯେ ଯାହା କରୁଛି ସେଗୁଡ଼ା କିଛି ନୁହେଁ ଓ ସେ ଯାହା କରିବେ ସବୁ ତାଙ୍କରି ଦୃଷ୍ଟି ସୀମା ଭିତରେ କରିବେ ଏଭଳି ମନୋବୃତ୍ତି ଛାଡ଼ିଦେବେ, ତେବେ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସେ ଅନେକ ସାହାଯ୍ୟ କଲେ ବୋଲି ବୁଝିବାକୁ ହେବ । ଆଜିକାଲି ଯୁଗ ହେଲାଣି ଯେ ଯାହା ନ ଜାଣିଛନ୍ତି, ସେଥିରେ ଯଦି ସେ ହାତ ନ ଦିଅନ୍ତି ଜାତିର ଜାଗୃତି ପାଇଁ ସେହି ହେବ ତାଙ୍କର ସବୁଠୁ ବଡ଼ ଦାନ । ଭଗବାନ ଏ ଶୁଭ ଦିନ ଶୀଘ୍ର ଆଣନ୍ତୁ । ନଚେତ୍ ସବ୍ଜାନ୍ତାଙ୍କ ନାଲି ଆଖି ତଳେ ବିଶେଷଜ୍ଞମାନଙ୍କର ଯୁବଶକ୍ତି ଅକାଳରେ ମଉଳି ପଡ଼ିବ ଓ ଫଳରେ ଅନ୍ୟମାନଙ୍କ ସହିତ ତାଳ ପକାଇ ଚାଲିବା ସହଜ ହେବ ନାହିଁ । ଏ ଦେଶର ଅସଲ ଲୋକେ ବିଦେଶରେ ଯାଇ ଫସଲ ଫଳାଇବେ, ଏଠି ଖାଲି ମରୁଭୂମିରେ କଣ୍ଟା ଗଛ ଉଠିବ ଓ ଗବ ଗଛ ମହାଦ୍ରୁମର ସମ୍ମାନ ନେବା ରହିଯିବେ ।

**ପ୍ରଶ୍ନାବଳୀ :**

(କ) ଜ୍ଞାନ ଓ ଗବେଷଣା କ୍ଷେତ୍ରରେ କି ପ୍ରକାର ମନୋବୃତ୍ତି ଆମର ବିଶେଷ କ୍ଷତି କରୁଛି ?

(ଖ) ତରୁଣଶକ୍ତି ଉପରେ ଅନାସ୍ଥାଭାବକୁ ଲକ୍ଷ୍ୟକରି ବ୍ରିଟିଶ ବିଶେଷଜ୍ଞ କ'ଣ କହନ୍ତି ?

(ଗ) କାହିଁକି ଆମଗଣତନ୍ତ୍ରରେ ସ୍ୱାଧୀନମତ ପ୍ରକାଶକରିବା ସହଜ ହୁଏ ନାହିଁ ?

(ଘ) ବୁଦ୍ଧିଜୀବି ମାନଙ୍କର କେଉଁକାମ ଜାତିର ଜାଗୃତିପାଇଁ ସବୁଠୁ ବଡ଼ ଦାନ ହେବ ବୋଲି ଲେଖକ କହନ୍ତି ?

(ଙ) ସବ୍‌ଜାନ୍ତାଙ୍କ ନାଲିଆଖି ତଳେ ଦେଶର କ'ଣ କ୍ଷତି ହେବ ?

11. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ପ୍ରାୟ **ଦୁଇଶହ** ଶବ୍ଦ ମଧ୍ୟରେ ଲେଖ । ଏହା ଯଥାସମ୍ଭବ ନିଜ ଭାଷାରେ ଲେଖା ହେବା ଆବଶ୍ୟକ । ଶେଷରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କର : 40

ଯେଉଁମାନେ ସ୍ୱାଧୀନତା ଆଣିଥିଲେ ସେମାନେ ତାଙ୍କ କାମ ସାରିଦେଇ ଚାଲିଯାଇଛନ୍ତି । ତାକୁ ରଖିବାର ଦାୟିତ୍ୱ ବର୍ତ୍ତମାନ ଆମ୍ଭମାନଙ୍କର, ବିଶେଷତଃ ଆମ ଯୁବକବନ୍ଧୁ ମାନଙ୍କର । ଯେକୌଣସି ଦାୟିତ୍ୱ ପାଇଁ ବାର୍ଦ୍ଧକ୍ୟର ପ୍ରଜ୍ଞା ଓ ଯୌବନର ଶକ୍ତି ଦରକାର । ଗାନ୍ଧୀ ଥିଲେ ଏ ଦେଶର ପ୍ରଜ୍ଞା ଓ ନେହେରୁ ଥିଲେ ଯୌବନପ୍ରତୀକ ସାହସ ଓ ଶକ୍ତି । ସେହି ମହାପୁରୁଷମାନେ ଏ ଦେଶର ଯେଉଁ ଦୃଢ଼ ଭିତ୍ତିସ୍ଥାପନ କରିଯାଇଛନ୍ତି, ତାକୁଇ ରକ୍ଷାକରିବା ବର୍ତ୍ତମାନ ଜାତିର କର୍ତ୍ତବ୍ୟ । ଜାତି ଯୁବକମାନଙ୍କ ଶକ୍ତି ଉପରେ ବେଶି ନିର୍ଭର କରୁଥିବାରୁ ଯୁବକମାନେ ହିଁ ଏହି ମୁହୂର୍ତ୍ତରେ ସବୁଠୁ ବେଶି ଜାଗ୍ରତ ହେବା ଦରକାର । ଜାଗୃତିର ଅର୍ଥ ଅସଂଯତ ଉନ୍ମାଦ ନୁହେଁ, ସଂଯତ କର୍ମବାଦ ।

ଖୁବ୍ ବଡ଼ ବଡ଼ କଥା ନବିଚାରି ଅତି ଛୋଟ ଛୋଟ କଥା ବିଚାର କରି ମଧ୍ୟ ଦେଶ ଓ ଜାତିକୁ ଉଠାଯାଇପାରେ । ଛୋଟ ଛୋଟ କଥାକୁ ପିଲାଦିନୁ ଅଭ୍ୟାସ କରିପାରିଲେ ବଡ଼ଦିନକୁ ତା'ର ମାହାତ୍ମ୍ୟ ସହଜେ ଅନୁଭବ କରିହୁଏ । ଆମ ଦେଶର ସବୁଠୁ ବଡ଼ ଦୁର୍ଭାଗ୍ୟ

ଥିଲା ଆମ ପରାଧୀନତା । ମନୁଷ୍ୟ ପରାଧୀନ ହେଲେ ତା'ର ସମସ୍ତ କର୍ମପ୍ରେରଣା ହରାଇବସେ ; ସବୁ କଥାରେ ଅନ୍ୟକୁ, ଅର୍ଥାତ୍ ସରକାରଙ୍କୁ ଅନାଇ ରହେ । ବିଦେଶୀ ସରକାର ମଧ୍ୟ ନିଜ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କର କର୍ମପ୍ରବଣତାକୁ ଜାଣିଶୁଣି ନଷ୍ଟ କରିଦିଏ, ଲୋକେ କେମିତି ତାଙ୍କୁ ସବୁକଥାରେ ଅନାଇ ରହିବେ ଓ ତାଙ୍କଠୁ ଯାହା ପାଇବେ ତାକୁ ଦୟା ଓ ଆଶୀର୍ବାଦ ବୋଲି ମନେକରିବେ, ତାକୁଇ ଦୃଷ୍ଟିରେ ରଖି ସେ କାର୍ଯ୍ୟକରେ । ଏହିଭଳି ପରିସ୍ଥିତିରେ ପଡ଼ି ପରାଧୀନ ଜାତି କୌଣସି କଥା କରିବା ବା ଶିଖିବା ପାଇଁ ଆଗ୍ରହ ପ୍ରକାଶ କରେନାହିଁ । ଗୋଟିଏ କ୍ଷୁଦ୍ର ଉଦାହରଣ ଦିଆଯାଇପାରେ । ଧରନ୍ତୁ ସମୟାନୁବର୍ତ୍ତିତା । ଇଂରେଜୀ ଜାତିର ଏ ଗୁଣ ବିଶ୍ୱବିଖ୍ୟାତ । ସାହେବମାନେ ଘଣ୍ଟାର କଣ୍ଟାଏ କଣ୍ଟାଏ କାମ କରନ୍ତି । ଆମେ କିନ୍ତୁ ଦେଢ଼ଶହ ବର୍ଷ ସେମାନଙ୍କ ସଙ୍ଗେ କାମ କରି ମଧ୍ୟ ସେମାନଙ୍କର ସେହି ସଦ୍‌ଗୁଣରୁ କାଣିଚାଏ ହେଲେ ଶିଖିନାହୁଁ । ତାଙ୍କଠୁଁ ଅନ୍ୟାନ୍ୟ ଆଚାର ବ୍ୟବହାର ତ ଅନେକ ଶିଖୁଛୁ, କିନ୍ତୁ ଏଇଟା ଶିଖିନାହୁଁ କାହିଁକି ? ହଁ, ହେଲା ଅବା ସେତେବେଳେ ପରାଧୀନ ଥିଲୁ ବୋଲି ଆମର ନିଜତ୍ୱ ନଥିଲାରୁ ଶିଖି ନଥିଲୁ ; ଆଜି କିନ୍ତୁ ସ୍ୱାଧୀନ ହେବାର ପଞ୍ଚଚାଳିଶ ବର୍ଷ ପରେ ମଧ୍ୟ ଶିଖିନାହୁଁ କାହିଁକି ? ହଁ, ନଶିଖିପାରୁଛୁ ଅବା ; କିନ୍ତୁ ସେହି ଅଭାବ ଯୋଗୁଁ ଲଜ୍ଜିତ ହେବାକୁ ଆରମ୍ଭ କରିନାହୁଁ କାହିଁକି ? ଛୋଟଠାରୁ ବଡ଼ ଯେତେ ସଭାସମିତି ହେଉଛି, ଆମେ ବରାବର ଦେଖୁଛୁ ଶ୍ରୋତା-ବକ୍ତା ଉଭୟେ ଆସନ୍ତି ଡେରିରେ । ଭାରତର ବିଲାତି

ସହର ଦିଲ୍ଲୀରେ ମଧ୍ୟ ସେ ରୋଗ କମ୍ ନୁହେଁ । ସେଠି ଅଧିକାଂଶ ଜିନିଷ ବିଲାତି ; କିନ୍ତୁ ଏହି କଥାଟି ଭାରତୀୟ । କିନ୍ତୁ ସବୁଠୁ ମଜାକଥା ହେଉଛି, ସେଥିପାଇଁ ଆମକୁ ଲାଜମାଡ଼ିବା ଦୂରେ ଥାଉ ଆମେ ହସିଦେଇ 'ଇଣ୍ଡିଆନ୍ ପଙ୍କ୍‌ଚୁଆଲିଟି' ବୋଲି କହିଦେଉ । ସେତିକିରେ ସବୁ ପାପ ମୋଚନ ହୋଇଯାଏ ।

ଆଜି ଦୁର୍ନୀତିର ଯେଉଁ ଝଞ୍ଜା ଉଠିଛି ସେଟାକୁ ଆମେ କେବଳ ଟଙ୍କାପଇସାର ଦୁର୍ନୀତି ଭାବରେ ଦେଖୁଛୁ । କିନ୍ତୁ କେବଳ ସେହି ଦୁର୍ନୀତି ବନ୍ଦ ହୋଇଗଲେ ଯେ କାମ ଛିଣ୍ଡିଯିବ, ତା' ନୁହେଁ । ଆମର ଯେତେସବୁ ଅନ୍ୟାନ୍ୟ ସାଧାରଣ କର୍ତ୍ତବ୍ୟ ତଥା ଦାୟିତ୍ୱ ରହିଛି, ତାକୁ ପୂରଣ କରିବା ପାଇଁ ଆମେ ସାମୂହିକ ଭାବେ ଶିକ୍ଷା ନକଲେ ଦୁର୍ନୀତି ଲୋପ ପାଇପାରିବନି । ଦୁର୍ନୀତିର କାରଣ ସ୍ୱରୂପ ଅନେକ କହୁଛନ୍ତି କର୍ତ୍ତବ୍ୟରେ ଅବହେଳା ତଥା ସମୟାନୁବର୍ତ୍ତିତାର ଅଭାବ । ଠିକ୍ ସମୟରେ ଆମେ କାମ ନକଲେ ଆମ ସହିତ ସଂପୃକ୍ତ ଲୋକମାନଙ୍କର କାମ ମଧ୍ୟ ଡେରି ହୋଇଯିବ ଓ ସେହିପରି ଭାବରେ ସେମାନଙ୍କ ସହିତ ସଂପୃକ୍ତ ଅନ୍ୟ ଲୋକମାନଙ୍କର ମଧ୍ୟ ଡେରି ହୋଇଯିବ । ଫଳରେ ଜାତୀୟ ସ୍ୱାର୍ଥ ନାନା ଭାବରେ ଅବହେଳିତ ହେବ । ଯେ ପୁରୁଣା ହେଲାଣି, ଯେଉଁମାନଙ୍କର ନୂତନ ପାଇଁ ଆଉ ବେଳ ନାହିଁ, ସେମାନଙ୍କ କଥା ଅଲଗା ; କିନ୍ତୁ ଯେଉଁମାନଙ୍କ ଆଗରେ ବିସ୍ତୃତ ଜୀବନ ପଡ଼ିରହିଛି, ସେମାନେ କ'ଣ ସମୟକୁ ଏତେ ଅବହେଳା କରି ସ୍ୱାଧୀନତାକୁ ସମ୍ପୂର୍ଣ୍ଣ କରିପାରିବେ ?

12. ଓଡ଼ିଆରେ ଅନୁବାଦ କର : 30

Gourishankar Roy, the father of journalism in Odisha, came of a Bengali family, which had been domiciled in Odisha since the Mogul conquest in the 16th Centuary. His ancestors had come to Odisha to assist in the first revenue assessment under the Governor of Bengal, Todar Malls. His family had been in Government service ever since. He was born in the same month and year as Bankim Chandra Chatterjee, July 1838. His education began in the same way as that of his immediate ancestors, i. e. Oriya in the village Chatashali and Persian and Urdu in village Maktaba. By the time he was old enough to attend, there was a High School in Cuttack. Entering at 11, he passed the junior scholarship eight years later and was awarded a Government scholarship of eight rupees. As there was no college in Odisha, he prevailed upon his father to allow him to attend Hoogly College. His father was reluctant to consent, for he considered it dangerous to

send his son to a distant land alone. In 1858, Gourishankar worked for a time as a temporary teacher in Balasore and then he entered Government service in Cuttack.